# ଜରଡା କ୍ଷତିଗ୍ରସ୍ତ ପ୍ରଜା ସଂଘ ,ଜେ ଏସ୍ ପି ଏଲ ଓ ଜିଲ୍ଲା ପ୍ରଶାସନର ତ୍ରିପାକ୍ଷିକ ଆଲୋଚନା ।

ଜେ ଏସ୍ ପି ଏଲ୍ ଦ୍ୱାରା ଜମି ହରାଇଥିବା ଜରଡା ଗ୍ରାମବାସୀମାନଂକର ବହୁବିଧ ସମସ୍ୟା ନେଇ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜରଡା ଗ୍ରାମବାସୀ ଓ ଜେ ଏସ୍ ପି ଏଲ୍ ସହିତ ତ୍ରିପାକ୍ଷିକ ଆଲୋଚନା ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଜେ ଏସ୍ ପି ଏଲ୍ କ୍ଷତିଗ୍ରସ୍ତ ପ୍ରଜାମାନଂକୁ ନିଯୁକ୍ତି ଓ ଥଇଥାନ କରାଯିବା ସମ୍ପର୍କରେ ଦାବି ଉପସ୍ଥାପନ ହୋଇଥିଲା । ପ୍ରଜା ସଂଘ ତାଲିକା ଦେଲେ ୨ ମାସ ମଧ୍ୟରେ ଏହାର ତର୍ଜମା କରାଯାଇ ଜିଲ୍ଲାପାଳଂକୁ ଏହି ତାଲିକା ପ୍ରଦାନ କରାଯିବ । ଗ୍ରାମବାସୀମାନଂକର ଅନୁରୋଧ କ୍ରମେ ଜେ ଏସ୍ ପି ଏଲ୍ ସହିତ ନିଯୁକ୍ତି ନିମନ୍ତେ ଆଲୋଚନା କରି ସମାଧାନର ପନ୍ଥା ବାହାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ମହାବନ୍ଧ ବଦଳରେ ଗ୍ରାମରେ ଥିବା ୧୮ ଏକର ଆନ୍ୟ ଏକ ବନ୍ଧକୁ ସମ୍ପୂର୍ଣ୍ଣ ରୂପେ ପୁନଃରୁଦ୍ଧାର କରାଯିବ । ଏହି ପୁନଃରୁଦ୍ଧାର କାର୍ଯ୍ୟ ଉଭୟ ମେସିନ୍ ଓ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ମିଳିତ ସହଯୋଗରେ ହେବ । ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଜେ ଏସ୍ ପିଏଲ୍ ୪ ଲକ୍ଷ ଟଂକା ବ୍ୟୟ କରିବ । ଏହି ସ୍କୁଲର ଖେଳପଡିଆକୁ ଆଲୋକିକରଣ କରିବା ସହ ପାନୀୟ ଜଳ ନିମନ୍ତେ ନଳକୂପର ବ୍ୟବସ୍ଥା କରାଯିବ । ଆର ଡି ରାସ୍ତା ପାର୍ଶ୍ୱରେ ଥିବା ଖେଳପଡିଆର ପାଚେରୀ ନିର୍ମାଣ କରାଯିବ । ଜରଡା ଗ୍ରାମର ଗୋଚର ଓ ସରକାରୀ ଯାଗା ଜେ ଏସ୍ ପି ଏଲ୍ ଅଧିନରେ ଥିବାରୁ ଅନୁଗୋଳ ଉପଜିଲ୍ଲାପାଳ ଓ ବଅଁରପାଳ ତହସିଲଦାର ଏହାକୁ ତର୍ଜମା କରି ରିପୋର୍ଟ ପ୍ରଦାନ କରିବେ । ଜେ ଏସ୍ ପି ଏଲ୍ କାରଖାନା ପରିସରଭୁକ୍ତ ଗୃହଗୁଡିକର ୫୦ ପ୍ରତିଶତ ମୂଲ୍ୟ ଦେବାକୁ ପ୍ରତିଶୃତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହା ପ୍ରଦାନ କରିନାହାନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ । ଏହାକୁ ତର୍ଜମା କରି ଏହାର ସତ୍ୟାସତ୍ୟ ବାହାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଯାଗାର ବକେୟା ଅର୍ଥ କୋର୍ଟ ଓ ଭୂ-ଅର୍ଜନ କାର୍ଯ୍ୟାଳୟରେ ରହିଥିବାରୁ ଏହାକୁ ତୁରନ୍ତ ପ୍ରଦାନ କରିବାକୁ ଜେ ଏସ୍ ପି ଏଲ୍ କର୍ତ୍ତୁପକ୍ଷଂକୁ ପରାମର୍ଶ ଦିଆଯାଇଛି । ଜେ ଏସ୍ ପି ଏଲ୍ ପରିସରରେ ଥିବା ପରିବାରଗୁଡିକୁ ବିସ୍ଥାପିତ ପରିବାରରେ ଅନ୍ତର୍ଭୁକ୍ତ କରି ସମସ୍ତ ସୁବିଧା ଯୋଗାଇ ଦିଆଯିବ । ଜେ ଏସ୍ ପି ଏଲରୁ ଛଟେଇ ହୋଇଥିବା ଶ୍ରୀ ସୁନିଲ ସାହୁଂକୁ ପୁନଃ ନିଯୁକ୍ତି ଦେବାକୁ ଜିଲ୍ଲାପାଳ ଏହାର ବିଚାର କରିବା ନିମନ୍ତେ କମ୍ପାନି କର୍ତ୍ତୁପକ୍ଷଂକୁ ପରାମର୍ଶ ଦେଇଛନ୍ତି । ୩ବର୍ଷ ଚାକିରି କରିଥିବା ଦକ୍ଷ କର୍ମଚାରୀମାନଂକୁ ସ୍ଥାୟୀ ନିଯୁକ୍ତି ଦିଆଯିବାକୁ ପରାମର୍ଶ ଦିଆଯାଇଛି । ପ୍ରତ୍ୟେକ ସପ୍ତାହର ଶନିବାର ସକାଳ ୧୦ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଭୂ- ଅର୍ଜନ ଅଧିକାରୀ ଓ ଜେ ଏସ୍ ପି ଏଲର କର୍ତ୍ତୁପକ୍ଷ ଓ କ୍ଷତିଗ୍ରସ୍ତ ପ୍ରଜା

କମିଟିକୁ ନେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଆପୋଷ ସମାଧାନ କରାଯିବ । ଜେ ଏସ୍ ପି ଏଲ୍ ଅଧିଗ୍ରହଣ କରିଥିବା ଠାକୁର ଶ୍ରୀ ବ୍ରଜମୋହନ ଜିଉ ଓ ବିଦ୍ୟାଳୟ୍ ଯାଗାକୁ ତର୍ଜମା କରି ହସ୍ତାନ୍ତର କରିବାକୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଜେ ଏସ୍ ପି ଏଲର ନିର୍ବାହି ନିର୍ଦ୍ଦେଶକ ଶ୍ରୀ ଦିବେଶ୍ୱର ଝା, ଡେପୁଟି କଲେକ୍ଟର ଶ୍ରୀ ବଇତୁରା ଦିପ୍, ବଅଁରପାଳ ତହସିଲଦାର, ବିସ୍ଥାପିତ ଗ୍ରାମ କମିଟିର ସଭାପତି ଶ୍ରୀ ରଂଜନ କୁମାର ଦାସ , ସମ୍ପାଦକ ଶ୍ରୀ ରମାକାନ୍ତ ପ୍ରଧାନ ଓ ଗ୍ରାମ ସଭାପତି ଶ୍ରୀ ରତ୍ନାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



